# Akashvani, Sambalpur

## SAMBALPURI NEWS BULLETIN

### 31 July 2024- 6.47- 6.52 am.

***************************************************

କେନ୍ଦ୍ରୀୟ ବଜେଟ୍        ଆର୍ଏନ୍ୟୁ /ସମ୍ବଲପୁର

ଲୋକ୍‌ସଭା ନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଗତ୍ କରିଥିବା କେନ୍ଦ୍ରୀୟ ବଜେଟ୍- ୨୦୨୪-୨୫ ଗଲାକାଏଲ୍ ଗୃହିତ ହେଇଯାଇଛେ । ୪୮ ଲାଖ୍ ୨୧ ହଜାର୍ କୋଟି ର ଇ ବଜେଟ୍ ବାଚନିକ୍ ଭୋଟ୍‌ଥି ଗୃହିତ୍ ହେଇଥିଲା । ଇତାର୍‌ସହେତେ କେନ୍ଦ୍ରଶାସିତ୍ ପ୍ରଦେଶ୍ ଜାମ୍ମୁ-କାଶ୍ମୀର୍ ବଜେଟ୍ ଭିଲ୍ ବାଚନିକ୍ ଭୋଟ୍‌ଥି ଗୃହିତ ହେଇଥିଲା ।

ଲେଖା ଅନୁଦାନ୍ ପ୍ରସ୍ତାବ       ଆର୍ଏନ୍ୟୁ /ସମ୍ବଲପୁର

ବିଧାନ୍‌ସଭା ନ ଗଲାକାଏଲ୍ ୯୫ ହଜାର୍ କୋଟି ଟଙ୍କାର ଲେଖା ଅନୁଦାନ୍ ମଞ୍ଜୁର୍ କରାଯାଇଛେ । ଇଟା ବାଚନିକ୍ ଭୋଟ୍‌ଥି ଗୃହିତ ହେଇଥିଲା । ଅର୍ଥବିଭାଗ୍ ଦାୟିତ୍ୱଥି ଥିବା ମୁଖ୍ୟମନ୍ତ୍ରୀ ମୋହନ୍

ଚରଣ୍ ମାଝୀ ଇ ଲେଖାଅନୁଦାନ୍ ବଜେଟ୍ ଗୃହ ନ ଉପସ୍ଥାପନ୍ କରିଥିଲେ ।

ଜାତୀୟ ଆପ୍ରେଂଟିସିପ୍ ପ୍ରଶିକ୍ଷଣ ଯୋଜ୍ନା

ଆର୍ଏନ୍ୟୁ / ସମ୍ବଲପୁର

ଜାତୀୟ ଆପ୍ରେଂଟିସିପ୍ ପ୍ରଶିକ୍ଷଣ ଯୋଜ୍ନା - ନାଟ୍ସ୍ ଯୁଆନ୍ ପିଢ଼ିକେ ଆପ୍ରେଟ୍ସିପ୍ ସୁଯୋଗ୍ ସହେତେ ଜୁଡ଼୍ବାର୍ ଆର୍ ଚାକିରୀ ଲାଗି ତାଲିମ୍ ଦେବାର୍ ଆଉ ସେମାନ୍କୁ ଅଏତ୍କା ରୋଜ୍ଗାର୍ କର୍ବାର୍କେ ସାହାଜ୍ କରୁଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଶ୍ରୀ ପ୍ରଧାନ୍ ଗଲାକାଏଲ୍ ନାଟ୍ସ୍ - ଟୁ ପଏଂଟ୍ ଜିରୋ ପୋର୍ଟାଲ୍ର ଶୁଭାରମ୍ଭ ସହେତେ ଡିବିଟି ଜରିଏ ଛାତ୍ରବୃତି ବାବ୍ଦେ ଶହେ କୋଟି ଟଙ୍କା ଜାରି କରିଛନ୍ । ନିଯୁକ୍ତି ସୁଯୋଗ୍କେ ଗତି ଦେବାର୍ ସହେତେ ଯୁଆନ୍ ପିଢ଼ିକେ ଭବିଷ୍ୟତ୍ ଲାଗି ପ୍ରସ୍ତୁତ୍ କର୍ବାର୍ ଦିଗେ ଇ ପୋର୍ଟାଲ୍ ଶୁଭାରମ୍ଭ ହେଇଛେ ।

ଜଲାଶୟ ପୁନରୁଦ୍ଧାର୍-ବିଧାନ୍ସଭା ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ଚିହ୍ନଟ୍ କରାଯାଇଥିବା ଶହେ ୧୫ ଟା ସହରାଂଚଲ୍‌ର ୨ ହଜାର୍ ୮୪ ଟା ଜଳାଶୟ ମାନ୍‌କର୍ ପୁନରୁଦ୍ଧାର୍ ଆର୍ ରକ୍ଷଣାବେକ୍ଷଣ୍ ଲାଗି ଗଲା ଆର୍ଥିକ୍ ବଛ୍‌ରେ ମୋଟ୍ ୪ ଶହ ୭ ଟା ପ୍ରକଳ୍ପର୍ ପ୍ରଶାସନିକ୍ ଅନୁମୋଦନ୍ ମିଳିଛେ ବଲି ଗୃହ ଆଉ ନଗର୍‌ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ ବିଧାୟିକା ସୋଫିଆ ଫିର୍‌ଦୋଶ୍‌ଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ୮ ଶହ ଟା ଜଳାଶୟର୍ ସର୍ଭେ କରାଯାଇଛେ । ସେ ଭିତ୍‌ରୁ ୨୯ ଟା ଜଳାଶୟର୍ କାମ୍ ସରିଛେ ।

ୟୁପିଏସ୍‌ସିର ଅଧ୍ୟକ୍ଷ ନିଯୁକ୍ତ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ରୀୟ ଲୋକସେବା ଆୟୋଗ- ୟୁପିଏସ୍‌ସି ର ସଦସ୍ୟ ଆଉ ଅବସରପ୍ରାପ୍ତ ଆଇଏଏସ୍ ଅଫିସର୍ ପ୍ରୀତି ସୁଦନ୍‌ଙ୍କୁ ୟୁପିଏସ୍‌ସିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛେ । ଆଘୋନୁ ୨୦୨୨ ନଭେମ୍ବର୍ ମାସେ ସେ ୟୁପିଏସ୍‌ସି ର୍ ସଦସ୍ୟ ହେଇଥିଲେ । ଇତାର୍ ଆଘୋନୁ ପ୍ରୀତି ସୁଦନ୍ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍

କଲ୍ୟାଣ୍, ଖାଦ୍ୟ ଆଉ ସାଧାରଣବଂଟନ୍, ମହିଳା ଆଉ ବିକାଶ୍ ଆର୍ ପ୍ରତିରକ୍ଷା ମନ୍ତ୍ରଣାଳୟ ନ କାମ୍ କରିଛନ୍ ।

ମୁଖ୍ୟ ଶାସନ୍ ସଚିବ -ଲଘୁଚାପ୍ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଲଘୁଚାପ୍ ଲାଗି ଲଗାଣ ବର୍ଷାର୍ ପ୍ରଭାବ୍ ଆର୍ ପରବର୍ତୀ ପଦକ୍ଷେପ୍ ଲାଗି ଯେନ୍ସବୁ ଏସ୍ଓପି ରହିଛେ ସେସବୁକେ ଅଏତ୍କା କ୍ରିୟାଶୀଳ କରିକରି ଭିନ୍ ଭିନ୍ ବିଭାଗ୍ ଆଉ ଜିଲ୍ଲାସ୍ତର୍ ନ ସମନ୍ୱୟ ରଖିକରି କାମ୍ କର୍ବାର୍କେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ପରାମର୍ଶ ଦେଇଛନ୍ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଗଲାକାଏଲ୍ ଭିନ୍ ଭିନ୍ ବିଭାଗ୍ ଆର୍ ଜିଲ୍ଲାପାଲ୍ମାନ୍କର୍ ପ୍ରସ୍ତୁତି ଆଉ ସତର୍କତା ମୂଳକ୍ ପଦକ୍ଷେପ୍ ବାବ୍ଦେ ସମୀକ୍ଷା କରିକରି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ତର୍ଫୁ ସମ୍ଭାବ୍ୟ ଥିତି ନ ସର୍କାରୀ କୋଠା, ବିଦ୍ୟାଳୟ କୋଠା, ରାସ୍ତା, କଲଭର୍ଟର ନୁକ୍ସାନ୍ ହେଲେ ଜଲ୍ଦି ପଦକ୍ଷେପ୍ ନେବାର୍କେ ଶ୍ରୀ ଆହୁଜା ପରାମର୍ଶ ଦେଇଥିଲେ ।

ଇତାର୍‌ଛଡ଼ା ହୀରାକୁଦ୍ ଆର୍ ରେଙ୍ଗାଲି ଜଲ୍‌ଭଣ୍ଡାର୍ ସହେତେ ବୃହତ୍, ମଧ୍ୟମ୍ ଜଲ୍‌ଭଣ୍ଡାର୍ ମାନ୍‌କର୍ ଜଳଧାରଣ୍ କ୍ଷମତା ଆର୍ ଏଛନିର୍ ଥିତି ବାବ୍‌ଦେ ଅନୁଧ୍ୟାନ୍ କରାଯାଇଥିଲା । ସ୍ୱାସ୍ଥ୍ୟବିଭାଗ୍ ତର୍‌ଫୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆଉ ଟିମ୍ ପ୍ରସ୍ତୁତ୍ ରହେବାର୍ ବାବ୍‌ଦେ ବିଭାଗୀୟ ସଚିବ ଆଲୋକପାତ କରିଥିଲେ ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍-୨୦୨୪ ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇଥିର୍‌ଲାଗି ମେଧାବୀ ଛାତ୍ରଛାତ୍ରୀମାନେ ନିଜର୍ ବିଦ୍ୟାଲୟମାନ୍‌କେ ଆଏବା ୮ ତାରିଖ୍‌ତକ୍ ଆବେଦନ୍ ଦାଖଲ୍ କରିପାର୍‌ବେ । ଅଏତ୍‌କା ସୂଚ୍‌ନା ଲାଗି ଜିଲ୍ଲା ଶିକ୍ଷା ଆଉ ପ୍ରଶିକ୍ଷଣ ପ୍ରତିଷ୍ଠାନ୍ ଡି.ଆଇ.ଇ.ଟି. ଆଉ ବିଦ୍ୟାଳୟର୍ ପ୍ରଧାନ୍ ଶିକ୍ଷକଙ୍କର୍ ସାଙ୍ଗେ ଯୋଗାଯୋଗ୍ କରିପାର୍‌ବେ ବଲି ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

## ରେଲ୍‌ଲାଇନ୍ ତରାଥି ବାଡ଼ା ଆର୍‌ଏନ୍‌ୟୁ / ସମ୍ବଲପୁର

ପୂର୍ବତଟ ରେଲ୍‌ପଥର ଖୋର୍ଦ୍ଧା ରୋଡ୍ ରେଲ୍‌ମଣ୍ଡଲ୍ ଅଧୀନ୍‌ଥି ଥିବା ଭଦ୍ରକ୍- ପଲାସା ଆଉ ଖୋର୍ଦ୍ଧା ରୋଡ୍-ପୁରୀ ରେଲ୍‌ସେକ୍ସନ୍ ଭିତ୍‌ରେ ରେଲ୍ ଲାଇନ୍ ତରାଥି ବାଡ଼ା ଦେବାର୍ ଲାଗି ରେଲ୍ ମନ୍ତ୍ରଣାଳୟ ୨ ଶହ ୭୫ କୋଟି ୧ ଲାଖ୍ ଟଙ୍କା ମଞ୍ଜୁର୍ କରିଛେ । ବାଡ଼ା ଦିଆଗଲେ ଟ୍ରାକ୍ ପାଖେ ଚରୁଥିବା କି ବୁଲୁଥିବା ଗୃହପାଲିତ୍ ପଶୁ ରେଲ୍‌ଲାଇନ୍ ଉପର୍‌କେ ନାଇଁ ଯାଇପାରନ୍ । ଇତାର୍‌ଛଡ଼ା ରେଲ୍‌ପଥଥି ଅଏତ୍‌କା ବେଗଥି ନିରାପଦ୍ ଟ୍ରେନ୍ ଚଲାଚଲ୍ ସହଜ୍ ହେବା ।

ବାୟୋମେଟ୍ରିକ୍ ଉପସ୍ଥାନ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ଅର୍ଥ ବିଭାଗ୍ ତର୍‌ଫୁ କର୍ମଚାରୀମାନ୍‌କର୍ ଲାଗି ବାୟୋମେଟ୍ରିକ୍ ଉପସ୍ଥାନ୍ ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । କର୍ମଚାରୀମାନେ ସଖାଲ୍‌ର୍ ୧୦ ବଜେତକ୍ ଆସ୍‌ବାର୍‌କେ କୁହାଯାଇଛେ । ଇ ନିର୍ଦ୍ଦେଶାବଳୀ ଅନ୍‌ସାରେ କର୍ମଚାରୀମାନେ ଅତିକମ୍‌ଥି ସାଢ଼େ ୭ ଘଂଟା କାମ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଜାରି କରାଯାଇଛେ । ଇ ନିର୍ଦ୍ଦେଶାବଳୀ ଆଏବା କାଏଲ୍‌ଠାନୁ ଲାଗୁ କରାଯିବା । ଫି' କର୍ମଚାରୀ ଅଫିସ୍ ଛାଡ଼୍‌ବାର୍ ସମିଆକେ

ବାୟୋମେଟ୍ରିକ୍ ଉପସ୍ଥାପନ୍ ରେକର୍ଡ଼ିଂ ଡିଭାଇସ୍‌ଥି ଜନାବାର୍‌କେ ପଡ଼୍‌ବା ।

ସଡ଼କ୍ ସୁରକ୍ଷା କମିଟି ବୈଠକ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍ ଜିଲ୍ଲା ସଡ଼କ୍ ସୁରକ୍ଷା କମିଟିର୍ ଗୁଟେ ବୈଠକ୍ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଇ ବଛର୍ ଘଟିଥିବା ଦୁର୍ଘଟଣା ବାବ୍‌ଦେ ମିଳିତ ପ୍ରବର୍ତନ୍ ରିପୋର୍ଟ ଜାତୀୟ ରାଜପଥ ଆଉ ରାଜ୍ୟ ରାଜପଥର ତିଆରି ଆଉ ମରାମତି, ନକ୍ସାପାଲି ନୁ ସିନ୍ଦୁର୍‌ପଙ୍କ୍, ପଡ଼ିଆବାହାଲ୍‌ନୁ ଗୋଶାଳା ଆଉ ରେମେଡ଼୍‌ନୁ ଅଇଁଠାପାଲି ଛକ୍‌ତକ୍ ଜାତୀୟ ରାଜପଥର ବିପର୍ଯ୍ୟସ୍ତ ଅବସ୍ଥା ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା । ଲୋକ୍‌ମାନ୍‌କର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ସହେତେ ଆର୍‌ଟିଓ ଆର୍ ପୁଲିସ୍ ମିଶିକରି ଅଚାନକ୍ ଯାଂଚ୍ ଦୁର୍ଘଟଣା ହେଉଥିବା ଇଲାକା ମାନ୍‌କେ ସିଗ୍‌ନାଲ୍ ବୋର୍ଡ଼ ଲଗାବାର୍ ଆର୍ ରାଜପଥମାନ୍‌କର୍ ମରାମତି କର୍‌ବାର୍ ଲାଗି ଜିଲ୍ଲାପାଲ୍ -ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ପାଣିପାଗ ଆର୍ଏନ୍ୟୁ / ସମ୍ବଲପୁର

ଘୂର୍ଣ୍ଣିବଳୟର୍ ପ୍ରଭାବ୍ଥି ରାଏଜେ ବର୍ଷା ଜାରି ରହିଛେ । ରାଜ୍ୟର୍ ବହୁତ୍ଟେ ଜାଗା ନ ପାଗ୍ ମେଘୁଆ ରହିକରି ବର୍ଷା ହେଉଛେ । ଇ ଥିତି ଆଏବା ୩ ତାରିଖ୍ତକ୍ ଜାରି ରହେବା । ଆଏଜ୍ ସମ୍ବଲ୍ପୁର୍, ସୁନ୍ଦର୍ଗଡ୍, ଦେବ୍ଗଡ୍, ବର୍ଗଡ୍, କଲାହାଣ୍ଡି, ସୋନ୍ପୁର୍, ବୌଦ୍ଧ ଆର୍ ଝାର୍ସୁଗୁଡ଼ା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ଆଏଜ୍ ସଖାଲର୍ ୬ ବଜେ ୬ ଶହ ୧୧ ଦଶ୍ମିକ୍ ୮/୫ ଫୁଟ୍ ରହିଛେ । ଇ ସମିଆଥି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍କେ ୧ ଲାଖ୍ ୫୭ ହଜାର୍ ୨ ଶହ ୭୨ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍ଭଣ୍ଡାର୍ନୁ ୧୮ ଟା ଗେଟ୍, ପାଓ୍ୱାର୍ ଚେନାଲ୍ ଆର୍ କେନାଲ୍ ଜରିଏ ଫି ସେକେଣ୍ଡଥି ୩ ଲାଖ୍ ୯ ହଜାର୍ ୭ ଶହ ୪୦ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।